# ତାଲା ବନ୍ଦ ସମୟରେ ଟ୍ରକରେ ମାଲ ପରିବହନକୁ ନେଇ ସମୀକ୍ଷା କଲେ ଜିଲ୍ଲାପାଳ ।

ଅନୁଗୋଳ ୩୦.୦୪ :- ସମ୍ପ୍ରତି କରୋନା ଭୁତାଣୁ ସଂକ୍ରମଣ ବ୍ୟାପିବାକୁ ପ୍ରତିହତ କରିବା ନିମନ୍ତେ ସରକାର ତାଲା ବନ୍ଦ ସମୟରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାକୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାମାରୀ କରୋନାର ସଠିକ୍ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସରକାରଂକ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରାଯାଉଛି । ଏହିଭଳି ଘଡିସନ୍ଧି ମୂହୁର୍ତ୍ତରେ ଟ୍ରକ୍ ଦ୍ୱାରା ପରିବହନ ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ସେଥିପ୍ରତି ଟ୍ରକ୍ ମାଲିକ ସଂଘ ଓ ପରିବହନକାରୀ ସଂସ୍ଥା ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଟ୍ରକ ଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଓ କିଛି ଟ୍ରକରେ ଅନ୍ୟାନ୍ୟ ସାମଗ୍ରୀ ପରିବହନ ହେଉଥିବାରୁ ପଶ୍ଚିମବଂଗ ଓ ଓଡିଶା ସୀମାରେ ଥିବା ଲକ୍ଷ୍ମଣନାଥ ଚେକ୍ ଗେଟ୍‌ରେ ଏହା ଉପରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଅତ୍ୟାବଶ୍ୟକ ସାମଗ୍ରୀ ଟ୍ରକ୍ ଗୁଡିକୁ ଏହି ଗେଟ୍‌ରେ ଅନୁମତି ମିଳୁଥିବାବେଳେ ଅନ୍ୟାନ୍ୟ ସାମଗ୍ରୀ ପରିବହନ କରୁଥିବା ଟ୍ରକକୁ ଛଡାଯାଉନାହିଁ । ଅନୁଗୋଳରୁ ଅଧିକାଂଶ ଟ୍ରକ ଆଲୁମିନିୟମ ନେଇ ଅନ୍ୟ ରାଜ୍ୟକୁ ଯାଆନ୍ତି ଓ ସେଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ନେଇ ଓଡିଶାକୁ ଫେରିଥାନ୍ତି । କିନ୍ତୁ ତାଲା ବନ୍ଦ ଯୋଗୁଁ ଅନ୍ୟ ରାଜ୍ୟରୁ କୌଣସି ସାମଗ୍ରୀ ଆସିପାରୁନାହିଁ ଓ ଯେଉଁ ଅନ୍ୟାନ୍ୟ ସାମଗ୍ରୀ ଆସୁଛି ସେଗୁଡିକୁ ଅନୁମତି ମିଳୁନାହିଁ । ଏହାଛଡା ଓଡିଶା ବ୍ୟତିତ ଅନ୍ୟାନ୍ୟ ପଡୋଶୀ ରାଜ୍ୟରେ ତାଲାବନ୍ଦ ସମୟରେ ଢାବା ଓ ଗ୍ୟାରେଜଗୁଡିକ ଖୋଲା ରହୁନଥିବାରୁ ଗାଡି ଚାଳକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଫଳରେ ଲକ୍ଷ୍ମଣନାଥ ଚେକ୍ ଗେଟ୍ ପାଖରେ ଅନେକ ଟ୍ରକ୍ ଅଟକି ରହିଛି । ବାଲେଶ୍ୱର ଆଂଚଳିକ ପରିବହନ ଅଧିକାରୀଂକ ସହ ଯୋଗା ଯୋଗ କରି ତୁରନ୍ତ ଏହାର ସମାଧାନ କରିବାକୁ ଜିଲ୍ଲାପାଳ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ଭୋଇଂକୁ ନିର୍ଦ୍ଦେଶ ଦେଇଛନ୍ତି । ତାଲା ବନ୍ଦ ସମୟରେ ଲୋକମାନଂକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବାରେ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ,ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଭାପତି ଶ୍ରୀ ବିଭୁତି ଭୁଷଣ ଦାସ, ଜିଲ୍ଲା ଟ୍ରକ ମାଲିକ ସଂଘର ସମ୍ପାଦକ ତଥା ଓଡିଶା କ୍ରିକେଟ୍ ଆସୋସିଏସନର ଉପସଭାପତି ଶ୍ରୀ ଅକ୍ଷୟ କୁମାର ସାମନ୍ତ, ନାଲ୍‌କୋ ଟ୍ରକ୍ ମାଲିକ ସଂଘର ସଭାପତି ଶ୍ରୀ ରାଜିବ ଜେନାଂକ ସମେତ ବିଭିନ୍ନ ପରିବହନ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ଜ୍ଞାପକ ସଂଖ୍ୟା- ୩୩୪ ତା.୩୦.୪.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।



& Collectors
Angul(Odisha)
SL NO
NAME
PERIOD
FROM
TO
1 Sri Dwijabar Kanungo,
2 Sri Prashant Ku. Nayak,
3 Sri Niten Chandra,
4 Sri Kulumani Rout
5 Sri Gopinath Mohanty
Sri L.N. Gupta
7 Sri Nikunja Bihari Dhal
8 Sri Arabinda Ku. Padhee
9 Sri Bandhu Bilhor
10 Sri Suresh Kumar Vashishth
11 Sri Girish S.N.
12 Sri D.Senapati
13 Sri D.V.Swamy
14 Sri Siba P.Misra
15 Sri Aravind Agrawal
16 Sri Ranjit Kumar Mohanty
17 Sri Sachin R. Jadhav
18 Sri Anil Kumar Samal
19 Sri Manoj Kumar Mohanty